# ଆଦିବାସୀ ମେଳାର ଏକାଦଶ ସନ୍ଧ୍ୟା : ୦୪.୦୨.୨୦୧୦

ଆଜି ଥିଲା ରାଜ୍ୟସ୍ତରୀୟ ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବର ଏକାଦଶ ସଂଧ୍ୟା । ଏହି ସଂଧ୍ୟାରେ ସମ୍ମାନିତ ଅତିଥି ହିସାବରେ ମାନ୍ୟବର ରାଜ୍ୟସଭା ସାଂସଦ, ଶ୍ରୀଯୁକ୍ତ ମଙ୍ଗଳା କିସାନ୍, ତଲସରା ବିଧାୟକ ଡଃ. ପ୍ରଫୁଲ ମାଝୀ ଯୋଗଦାନ କରିଥିଲେ । ସାନ୍ଧ୍ୟ ଅଧିବେଶନ ଆରମ୍ଭରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ସଦସ୍ୟ ସଚିବ ତଥା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଅଖିଳ ବିହାରୀ ଓତା ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ ଆଦିବାସୀ ମେଳାର ଐତିହ୍ୟ ଉପରେ ସଂକ୍ଷିପ୍ତ ସୂଚନା ଦେଇ ଏହି ମେଳା କିପରି ତାହାର ମହତ୍ତ୍ୱ ବଜାୟ ରଖିଛି ଏବଂ ଜନମାନସରେ ଦିନକୁ ଦିନ ଏହା ନିଜର ପ୍ରସିଦ୍ଧି କିପରି ବଢ଼ାଇ ଚାଲିଛି ତାହା ଉପରେ ସୂଚନା ପ୍ରଦାନ କରିଥିଲେ ।

ତଲସରା ବିଧାୟକ ଡଃ. ପ୍ରଫୁଲ ମାଝୀ ତାଙ୍କ ଅଭିଭାଷଣ ପ୍ରସଂଗରେ ଯୁକ୍ତି ବାଢ଼ି ଥିଲେ ଆଦିବାସୀମାନଙ୍କର ସାମାଜିକ ଓ ସାଂସ୍କୃତିକ ଚେତନାର ଅବକ୍ଷୟ ହେଉଛି । ଯୁଗ ଅନୁସାରେ ଏହା ବଦଳୁଛି । ଆଦିବାସୀମାନେ ବଣ ଜଙ୍ଗଲରେ ଆଦିମ କାଳରୁ ରହିଆସୁଥିଲେ । ବର୍ତ୍ତମାନ ଶିକ୍ଷସଭ୍ୟତାର ବିକାଶ ଯୋଗୁଁ ତା'ର ଘର ଉଜୁଡ଼ି ଯାଉଛି । ତା'ର ସଂସ୍କୃତିର ଅବକ୍ଷୟ ହେଉଛି । ସାଂସ୍କୃତିକ ଅବକ୍ଷୟକୁ ରୋକିବା ପାଇଁ ବାସ୍ତବବାଦୀ ହେବାକୁ ପଡ଼ିବ । ସହୃଦୟତାର ସହ ପଦକ୍ଷେପ ନ ନେଲେ ତାଙ୍କ ସଂସ୍କୃତି ବିବର୍ତ୍ତିତ ହେବା ସ୍ୱାଭାବିକ । ହୃଦୟର ସହିତ ଆଦିବାସୀମାନଙ୍କର ଉନ୍ନତି ନିମନ୍ତେ ଚିନ୍ତା କରିପାରିଲେ ଯଥାର୍ଥ ଉନ୍ନତି ହେବ ।

ଅନ୍ୟତମ ଅତିଥି ମାନ୍ୟବର ରାଜ୍ୟସଭା ସାଂସଦ, ଶ୍ରୀଯୁକ୍ତ ମଙ୍ଗଳା କିସାନ୍ ତାଙ୍କ ବକ୍ତବ୍ୟ ଉପସ୍ଥାପନ ପ୍ରସଂଗରେ କହିଥିଲେ ଆଦିବାସୀ ମେଳାର ଉଦ୍ଦେଶ୍ୟ ମହତ । ଶିକ୍ଷା, ଆର୍ଥିକ, କୃଷି ଆଦି ପ୍ରତି କ୍ଷେତ୍ରରେ ଦେଶର ଉନ୍ନତି ହୋଇଥିବାବେଳେ ସ୍ୱାଧୀନତାର ୬୨ ବର୍ଷରେ ଆଦିବାସୀମାନଙ୍କର ସାମାଜିକ ଜୀବନଶୈଳୀରେ ବିଶେଷ ପରିବର୍ତ୍ତନ ହୋଇନାହିଁ । ପରଂପରାକୁ ବଂଚେଇ ରଖିବା ନାଁରେ ଆଜିବି, ଆଦିବାସୀ ବଣ ଜଙ୍ଗଲରୁ କାଠ, ପତ୍ର, ମହୁ, ଆଦି ସଂଗ୍ରହ କରିଚାଲିଛି । ବିଜ୍ଞାନ ବହୁତ ଆଗେଇଛି । ବିଜ୍ଞାନ, ଶ୍ରମକରି ବଂଚିବା ବଦଳରେ ଏକ ନୂଆ ଧାରା ଦେଇଛି । ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ରତି ବିଭାଗର ଆନୁପାତିକ ଅର୍ଥକୁ ଖର୍ଚ୍ଚ କରିବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନେବା ଆବଶ୍ୟକ । ଯୁକ୍ତ ଦୁଇ ପର୍ଯ୍ୟନ୍ତ ସମସ୍ତ ଜନଜାତି ଛାତ୍ରଛାତ୍ରୀଙ୍କୁ ମାଗଣାରେ ଶିକ୍ଷା ପ୍ରଦାନର ବ୍ୟବସ୍ଥା, ଯୁକ୍ତ ଦୁଇ ପରେ ଧନ୍ଦାମୂଳକ ସେବାରେ ପ୍ରଶିକ୍ଷଣ ଦେଇ ଆତ୍ମନିର୍ଭରଶୀଳ ହେବାର ମାର୍ଗ ଦେଖାଇବା । ହାତକୁ କାମ ନାହିଁତ ବଞ୍ଚିବାର ରାହା ନାହିଁ । ତେଣୁ ଧନ୍ଦାମୂଳକ ପ୍ରଶିକ୍ଷଣ ଦେଇ କାମ ଯୋଗାଇଦେଲେ ଆଦିବାସୀମାନଙ୍କର ଅର୍ଥନୈତିକ ବିକାଶ ହୋଇପାରିବ । ସେ ନିଜ ଜୀବନକୁ ସୁନ୍ଦର କରିବା ସହିତ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବ ।

ଏହାପରେ ଧନ୍ୟବାଦ ଅର୍ପଣ ଉପରାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା କଳାହାଣ୍ଡି ଜିଲ୍ଲାର ପ୍ରସିଦ୍ଧ ଘୁମୁରା ନୃତ୍ୟ, ସୁନ୍ଦରଗଡ଼ ଜିଲ୍ଲାର ଓରାମ୍‌ମାନଙ୍କର କାରାମ୍ ନୃତ୍ୟ ଏବଂ ବାଲେଶ୍ୱର ଜିଲ୍ଲା ନିଳଗିରି ଅଞ୍ଚଳରୁ ଆସିଥିବା ଭୂମିଜମାନଙ୍କର କରମା ନୃତ୍ୟ ସାଙ୍ଗକୁ ନୂଆପଲ୍ଲୀ ସେବାଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ପରିବେଷିତ ଲୋକନୃତ୍ୟ ଓ K.I.S.S. ଅନୁଷ୍ଠାନ ପରିବେଷିତ ଆଦିବାସୀ ନୃତ୍ୟ ।